# Akashvani, Sambalpur

# SAMBALPURI NEWS BULLETIN

## 18 March 2025- 6.47- 6.52 am.

***********************************************

ରାଜ୍ୟସ୍ତରୀୟ ନିଯୁକ୍ତି ମେଳା        ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସରକାରଙ୍କର୍ ତର୍ଫୁ ଭୁବନେଶ୍ୱର ଠାନେ ଥିବା ଓଡ଼ିଶା କୃଷି ଆର୍ ବୈଷୟିକ୍ ବିଶ୍ୱବିଦ୍ୟାଳୟନ ଆଏଜ୍ ମଏଧାନେ ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଆୟୋଜନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳାଥି କୃଷି, ସ୍ୱାସ୍ଥ୍ୟ, ଖଣି, ଇସ୍ପାତ୍, ଶକ୍ତି ଆଉ ଜଲ୍ ସମ୍ପଦ୍ ବିଭାଗର୍ ୮ ଶହ ୧୨ ଝନ୍ ନୂଆ ନିଯୁକ୍ତ୍ ଅଧିକାରୀ ଆଉ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ବାଂଟବେ ।

ବିଧାନ୍ସଭା-ବାଂଲାଦେଶୀ ଅନୁପ୍ରବେଶ୍କାରୀ        ଭୁବ୍ନେଶ୍ୱର୍

ରାଏଜେ ୩ ହଜାର୍ ୭ ଶହ ୩୮ ଝନ୍ ବାଂଲାଦେଶୀ ଅନୁପ୍ରବେଶ୍କାରୀ ବେଆଇନ୍ ଭାବେ ଭିନ୍ ଭିନ୍ ଜିଲ୍ଲାନ ରହୁଛନ୍

ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଅନୁପ୍ରବେଶ୍କାରୀମାନେ ଭିନ୍ ଭିନ୍ ଜଳପଥ ଦେଇକରି ରାଜ୍ୟକେ ଆସୁଛନ୍ । ସେମାନ୍କୁ ଚିହ୍ନଟ୍ କର୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ଫି’ ଜିଲ୍ଲା ନ ତହସିଲ୍, ବ୍ଲକ୍ ଆର୍ ପୁଲିସ୍ କର୍ମଚାରୀମାନ୍କୁ ନେଇକରି ଗୁଟେ କମିଟି ଗଠନ୍ କରାଯାଇଛେ । ଅନୁପ୍ରବେଶ୍କାରୀଙ୍କର୍ ଚିହ୍ନଟ୍ ଶେଷ୍ ହେବାର୍ ଉତ୍ରୁ ସେମାନ୍କୁ ତାକର୍ ଦେଶ୍କେ ଫିରେଇ ନେବାର୍ ଲାଗି ଜିଲ୍ଲାପାଲ୍ ଆଉ ଏସ୍.ପି.ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ବିଧାନ୍ସଭା ନ ସୂଚ୍ନା ଦେଇଛନ୍ ।

ବିଧାନ୍ସଭା- ନିଖୋଜ୍ ମାମ୍ଲା ଆର୍ଏନ୍ୟୁ/ କଟକ୍

ରାଏଜେ ଗଲା ୮ ମାସ୍ ଭିତ୍ରେ ଭିନ୍ ଭିନ୍ ଥାନା ନ ୨୦ ହଜାର୍ନୁ ଅଏତ୍କା ନିଖୋଜ୍ ମାମ୍ଲା ପଞ୍ଜିକୃତ ହେଇଛେ । ସେଥିର୍ଭିତ୍ରୁ ୭ ହଜାର୍ ୪୮ ଟାର୍ ସମାଧାନ୍ କରାଯାଇଥିବାର୍ ବିଧାନ୍ସଭା ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କଂଗ୍ରେସ୍ ସଦସ୍ୟା ସୋଫିଆ ଫିର୍ଦୋସଙ୍କର୍ ପ୍ରଶ୍ନର୍ ଉତର୍ଥି

ମୁଖ୍ୟମନ୍ତ୍ରୀ କହିଛନ୍ । ଇହାଦେତକ୍ ୧୩ ହଜାର୍ ୧୨ ଟା ମାମ୍ଲା ବିଚାରାଧୀନ୍ ରହିଛେ ।

ଆର୍‌ଟିଇ- ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଘରୋଇ ବିଦ୍ୟାଳୟ ମାନ୍‌କେ ଶିକ୍ଷା ଅଧିକାର୍ ଆଇନ୍ ଅଧୀନ୍‌ଥି ପହେଲା ଖେପ୍ ନାଁଲେଖାବାର୍ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ୍ ମୁଲ୍ ହେବା । ପଞ୍ଜିକରଣ୍ ପ୍ରକ୍ରିୟା ଏପ୍ରିଲ୍ ୨୦ ତାରିଖ୍‌ତକ୍  ଚାଲ୍‌ବା ବଲି  ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବାହାରିଥିବା ସଂଶୋଧିତ୍ ବିଜ୍ଞପ୍ତିନୁ ଜନାପଡ଼ିଛେ । ଇ ଖେପ୍ ପଞ୍ଜିକରଣ୍ ସର୍‌ଲେ ଏପ୍ରିଲ୍ ୩ ତାରିଖ୍‌ନୁ ୨୩ ତାରିଖ୍ ଭିତ୍‌ରେ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଯାଂଚ୍ କର୍‌ବେ । ତାର୍ ଉତ୍‌ରୁ ୨୪ ତାରିଖ୍ ଦିନ ଚୂଡ଼ାନ୍ତ ମେଧା ତାଲିକା ବାହାର୍‌ବା ।

ମେଟ୍ରିକ୍ ପରୀକ୍ଷା ଖାତାଦେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଟ୍ରିକ୍ ପରୀକ୍ଷା ଖାତାଦେଖା ଆଏବା କାଏଲ୍‌ନୁ ମୁଲ୍ ହେବା । ରାଜ୍ୟର୍ ୧୧ ହଜାର୍ ୮ ଶହ ଝନ୍ ହାଇସ୍କୁଲ୍ ଶିକ୍ଷକ୍, ଶିକ୍ଷୟିତ୍ରୀ ଖାତାଦେଖା କାମ୍ ଲାଗି ନିୟୋଜିତ୍ ହେଇଛନ୍ । ୫୧ ଟା କେନ୍ଦ୍ର

ନ ସବ୍‌ଜେକ୍ଟିଭ୍ ଉତର୍ ଖାତା କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ପୁହୁଁଚି ସାରିଛେ । ଇ ବାବ୍‌ଦେ ଗଲାକାଏଲ୍ ବୋର୍ଡ୍ କର୍ତ୍ତୃପକ୍ଷ ୩୦ ଟା ଜିଲ୍ଲାର୍ ଶିକ୍ଷା ଅଧିକାରୀମାନ୍‌କର୍ ସଙ୍ଗେ ସମୀକ୍ଷା ବୈଠକ୍ କରିଛନ୍ । ଖାତାଦେଖାଥି ନିୟୋଜିତ୍ ଥିବା ଶିକ୍ଷକ୍ ଆର୍ ଅଲ୍‌ଗା କର୍ମଚାରୀମାନ୍‌କୁ ଆଏଜ୍ ସଖାଲର୍ ୧୦ ବଜେନୁ ମୂଲ୍ୟାୟନ୍ କେନ୍ଦ୍ରମାନ୍‌କୁ ପୁହୁଁଚିବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା କାଏଲ୍‌ନୁ ପାଖାପାଖି ୧୨ ଦିନ୍‌ତକ୍ ଖାତାଦେଖା ସଖାଲର୍ ୯ ବଜେନୁ ଆରବେଲିର୍ ୫ ବଜେତକ୍ ଚାଲ୍‌ବା । ମେଟ୍ରିକ୍ ସହେତେ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାର୍ ଖାତାଦେଖା ଭିଲ୍ ଆଏବା କାଏଲ୍‌ନୁ ମୁଲ୍ ହେବା ।

ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ ପରଲୋକ     ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା, ଆଘର୍ କେନ୍ଦ୍ରମନ୍ତ୍ରୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ବାପା ସ୍ୱର୍ଗତ ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ୍‌ଙ୍କର୍ ଶେଷକୃତ୍ୟ ଆଏଜ୍ ପୁରୀ ସ୍ୱର୍ଗଦ୍ୱାର ନ ରାଷ୍ଟ୍ରୀୟ ମର୍ଯ୍ୟାଦାଥି କରାଯିବା । ଗଲାକାଏଲ୍ ନୂଆଦିଲ୍ଲୀ ନ ଦେବେନ୍ଦ୍ର ପ୍ରଧାନ୍‌ଙ୍କର୍ ପରଲୋକ ହେଇଯାଇଛେ ।

ନିର୍ମାଣ ଶ୍ରମିକ-ସହାୟତା ବଂଟନ୍          ବର୍‌ଗଡ଼ ସମ୍ବାଦଦାତା

ବର୍‌ଗଡ଼୍ ପ୍ରଭାଗ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନିର୍ମାଣ ଶ୍ରମିକ କଲ୍ୟାଣ୍ ସାହାଜ୍ ବଂଟନ୍ ସମାରୋହ ହେଇଯାଇଛେ । ସହରର୍ ବିଜୁ ପଟ୍ଟନାୟକ୍ ଟାଉନ୍ ହଲ୍ ଠାନେ ହେଇଥିବା ସମାରୋହଥି ହିତାଧିକାରୀମାନ୍‌କୁ ପରିଚୟ ପତ୍ର ସାଙ୍ଗେ ଭିନ୍ ଭିନ୍ ସାହାଜ୍ ବଂଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତାବିରା ବିଧାୟକ୍ ନିହାର୍ ରଞ୍ଜନ୍ ମହାନନ୍ଦ, ଅତିରିକ୍ତ ଜିଲ୍ଲାପାଲ୍ ମଧୁଛନ୍ଦା ସାହୁ ଆଉ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍‌ଦେଇକରି ୧ ହଜାର୍ ୪୧ ଝନ୍ ହିତାଧିକାରୀଙ୍କୁ ୭ କୋଟି ୨୮ ଲାଖ୍ ୩ ହଜାର୍ ୪ ଶହ ଟଙ୍କା ବାଂଟିଛନ୍ । ସେନ୍ତା ଶହେ ଝନ୍‌କୁ ପରିଚୟ ପତ୍ର ଭିଲ୍ ବାଂଟିଛନ୍ ।

ବୌଦ୍ଧ ମହାବଳ ବାଘ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବନଖଣ୍ଡ ମାଧପୁର୍ ରେଞ୍ଜ୍‌ର ବାରିଙ୍ଗ ଗାଁ ପାଶେ ଥିବା ମୁଣ୍ଡେଶ୍ୱର୍ ଜଙ୍ଗଲ୍ ମହାବଳ ବାଘ ଆତଙ୍କ ନେଇକରି ବୌଦ୍ଧ ବନଖଣ୍ଡ ମାଧପୁର୍ ରେଞ୍ଜ୍ ତର୍‌ଫୁ ତଦନ୍ତ୍ ମୁଲ୍ ହେଇଛେ । ସୂଚ୍‌ନା ଅନ୍‌ସାରେ ମୁଣ୍ଡେଶ୍ୱର୍ ଜଙ୍ଗଲ୍ ପେଡିନିତାଇଲା ପାଶେ

ଗାଁର୍ ଲୁକେ ଗୁଟେ ମହାବଳ ବାଘକେ ଦେଖ୍‌ବାର୍ ଉତ୍‌ରୁ ଜଙ୍ଗଲ୍ ବିଭାଗ୍‌କେ ସୂଚ୍‌ନା ଦେଇଥିଲେ ।

ଅଗ୍ନିପଥ୍ ଯୋଜ୍‌ନା        ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ସେନାବାହିନୀଥି ୨୦୨୫-୨୬ ବଛର୍ ଲାଗି ଅଗ୍ନିପଥ୍ ଯୋଜ୍‌ନା ଆର୍ ନିୟମିତ୍ ପଦ୍‌ବୀଥି ନିଯୁକ୍ତି ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଅନ୍‌ଲାଇନ୍ ଜରିଏ ଆଏବା ମାସ ୧୦ ତାରିଖ୍‌ତକ୍ ଆବେଦନ୍ କରାଯାଇପାର୍‌ବା । ଆଗ୍ରହୀ ପ୍ରାର୍ଥୀ www.join indian army.nic.in ଥି ଆବେଦନ୍ କରିପାର୍‌ବେ । ପରୀକ୍ଷା ବାବଦ୍ ସବୁ ନିୟମାବଳୀ ୱେବ୍‌ସାଇଟ୍‌ଥି ମିଳିପାରୁଛେ । ସେନ୍ତା ଆବେଦନ୍ ଆଉ ପରୀକ୍ଷା ବାବଦ୍ ଅଏତ୍‌କା ତଥ୍ୟ ଜାନ୍‌ବାର୍ ଲାଗି ହେଲେ ଆଗ୍ରହୀ ପ୍ରାର୍ଥୀ କଟକ୍ ଆର୍ମି ରିକ୍ରୁଟ୍‌ମେଂଟ୍ କାର୍ଯ୍ୟାଳୟ ସାଙ୍ଗେ ବ୍ୟକ୍ତିଗତ୍ ଭାବେ ଯୋଗାଯୋଗ କରିପାର୍‌ବେ ବଲି କୁହାଯାଇଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା ବଢ଼୍‌ବାର୍ ସହେତେ ଜବର୍ ଖରା ହେଉଛେ । ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ।

ଇତାର୍‌ସହେତେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଦେଇଛେ । ସେନ୍ତା ଗ୍ରୀଷ୍ମପ୍ରବାହକେ ନେଇକରି ଝାର୍‌ସୁଗୁଡ଼ା ଆର୍ ବୌଦ୍ଧ ଜିଲ୍ଲା ଲାଗି ପାଣିପାଗ୍ ବିଭାଗ୍ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଥିଲା ବେଲେ ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍, କଲାହାଣ୍ଡି ଆର୍ ଅନୁଗୁଲ୍ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରିଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।

ଖରାକେ ନଜର୍‌ଥି ରଖିକରି ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ସତର୍କ ରହେବାର୍ ଲାଗି ପାଣିପାଗ୍ ବିଭାଗ୍ ପରାମର୍ଶ ଦେଇଛେ । ସେନ୍ତା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଝାଉମରାକେ ନେଇକରି ସତର୍କ କରାଯାଇଛେ । ଖରା ସମିଆଥି ଅତି ଜରୁରୀ ନାଇଁ ଥିଲେ ଘରୁ ନାଇଁ ବାହାର୍‌ବାର୍ ଆଉ ଘରୁ ବାହାର୍‌ଲା ବେଲ୍‌କେ ଝାଉନୁ ବଁଚ୍‌ବାର୍ ଲାଗି ସବୁ ସୁବିଧା ବ୍ୟବସ୍ଥା କରିକରି ବାହାର୍‌ବାର୍‌କେ ସ୍ୱାସ୍ଥ୍ୟବିଭାଗ୍ ପରାମର୍ଶ ଦେଇଛେ ।